ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

OSDMA

# ସମ୍ବାଦ ପତ୍ରିକା

ବର୍ଷ-୧ ସଂଖ୍ୟା-୪ ଜୁଲାଇ-୨୦୧୯ ପୃଷ୍ଠା-୮

## ପରିଚାଳନା ନିର୍ଦ୍ଦେଶକଙ୍କ କଲମରୁ...

ଅନେକ ସମୟରେ ବିପର୍ଯ୍ୟୟ ହିଁ ରାଜ୍ୟର ପ୍ରଗତି ପଥରେ ମୁଖ୍ୟ ପ୍ରତିବନ୍ଧକ ହୋଇଥାଏ। ଏ ଦୃଷ୍ଟିରୁ ଚିନ୍ତା କଲେ କାହିଁ କେଉଁ କାଳରୁ ଓଡ଼ିଶା ବିପର୍ଯ୍ୟୟର ପ୍ରାଣକେନ୍ଦ୍ର ସାଜିଛି। ୧୮୬୬ ମସିହାର ଦୁର୍ଭିକ୍ଷ ଠାରୁ ଆରମ୍ଭ କରି ୨୦୧୯ର ବାତ୍ୟା 'ଫନି' ଭିତରେ ଓଡ଼ିଶା ବହୁବାର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଏହାସତ୍ତ୍ୱେ ଓଡ଼ିଶା ବହୁକ୍ଷେତ୍ରରେ ଅନେକ ପ୍ରଗତି କରିଛି। ପ୍ରାକୃତିକ ବିପର୍ଯ୍ୟୟ ମଣିଷ ହାତରେ ନଥାଏ, ତେବେ ଏହାର ସଠିକ୍ ପରିଚାଳନା ଅନେକ ସମୟରେ ବିପର୍ଯ୍ୟୟର କରାଳ ତାଣ୍ଡବରୁ ଜନଜୀବନକୁ ସୁରକ୍ଷା ଦେବାରେ ସହାୟକ ହୋଇଥାଏ। ଏହାର ଏକ ଜ୍ୱଳନ୍ତ ଉଦାହରଣ ହେଲା ଚଳିତ ବର୍ଷ ବାତ୍ୟା 'ଫନି'। ଅନୁଧ୍ୟାନ କଲେ ଆମେ ଜାଣିପାରିବା ଯେ, ବିପର୍ଯ୍ୟୟର ସଠିକ୍ ପରିଚାଳନା ହିଁ ଜନଜୀବନକୁ ସୁରକ୍ଷା ଦେଇଥାଏ। ତେଣୁ ଏଠାରେ ବିପର୍ଯ୍ୟୟ ପରିଚାଳନା ଉପରେ ପ୍ରାଧାନ୍ୟ ରହିବା ନିହାତି ଆବଶ୍ୟକ ନଚେତ୍ ରାଜ୍ୟ ପ୍ରଗତିର ବହୁ ପଛରେ ପଡିଯିବ। ଏହାକୁ ଆଖି ଆଗରେ ରଖି ଓ.ଏସ୍.ଡି.ଏମ୍.ଏ. ଗଠନ କରାଯିବା ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଏସ୍‌ଡିଏମ୍‌ଏ ଏ ଦିଗରେ ସଠିକ୍ କାର୍ଯ୍ୟ ସଂପାଦନ କରିଥିବାର ଅନୁମେୟ ହୁଏ। ବିପର୍ଯ୍ୟୟ ପରିଚାଳନା ଦିଗରେ ସ୍ଥାନୀୟ ପ୍ରଶାସନ ଅନେକ ଆଖିଦୃଶିଆ କାର୍ଯ୍ୟକରି ଦେଶ ବିଦେଶରେ ପ୍ରଶଂସାର ପାତ୍ର ହୋଇଛି। ତେବେ ବିପର୍ଯ୍ୟୟକୁ ଡରି ନଯାଇ ଏ ଦିଗରେ ନିଷ୍ଠାପର ଭାବେ ସରକାରୀ, ବେସରକାରୀ ସଂଗଠନ ଓ ଜନସାଧାରଣ ଯଥେଷ୍ଟ ଯତ୍ନବାନ ଓ ସଚେତନ ହେଲେ ରାଜ୍ୟର ପ୍ରଗତି ଅବଶ୍ୟମ୍ଭାବୀ।



**ବିଷ୍ଣୁପଦ ସେଠୀ, ଭା.ପ୍ର.ସେ.,**
ଶାସନ ସଚିବ (ବିପର୍ଯ୍ୟୟ ପରିଚାଳନା),
ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ ଓ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ

### ସୂଚୀ

୧. ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ନୂତନ ୫ ଟି ର ଆଭିମୁଖ୍ୟ ଉପରେ ମାନସମନ୍ଥନ କାର୍ଯ୍ୟକ୍ରମ
୨. ବିପର୍ଯ୍ୟୟଜନିତ କ୍ଷୟକ୍ଷତି ହ୍ରାସକରଣ (ଡି.ଆର୍.ଆର୍.) ର ରୋଡ୍ ମ୍ୟାପ୍ ପ୍ରସ୍ତୁତି ପାଇଁ ବିଭିନ୍ନ ଜିଲ୍ଲାରେ କର୍ମଶାଳା
୩. ଆଶ୍ରୟସ୍ଥଳୀ ସ୍ତରରେ ବହୁମୁଖୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବୈଠକ
୪. ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ଏବଂ ନୌକା ବ୍ୟବହାର ସମ୍ବନ୍ଧୀୟ ତାଲିମ୍
୫. ରାଇମ୍ସ ଦ୍ୱାରା ପରିଚାଳିତ ପ୍ରକଳ୍ପର ବାର୍ଷିକ ଅଗ୍ରଗତି ସମ୍ବନ୍ଧୀୟ ବୈଠକ
୬. ଆପଦମିତ୍ର ମାନଙ୍କର ପ୍ରଶଂସନୀୟ କାର୍ଯ୍ୟ
୭. ରାସାୟନିକ ବିପର୍ଯ୍ୟୟ ପରିଚାଳନା ପାଇଁ ଯୋଜନା
୮. ଜାପାନର କେ.ଇ.ଆଇ.ଓ ବିଶ୍ୱବିଦ୍ୟାଳୟର ପ୍ରତିନିଧିଙ୍କର ଓ.ଏସ୍.ଡି.ଏମ୍.ଏ. ସହଯୋଗୀତା ପାଇଁ ପ୍ରୟାସ
୮. ମରୁଡି ସମ୍ବନ୍ଧୀୟ ତଦାରଖ ବୈଠକ 'ଖରିଫ ୨୦୧୯'
୯. ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ରିଲିଫ ସହାୟତା ସମ୍ବନ୍ଧୀୟ ତାଲିମ୍ କାର୍ଯ୍ୟକ୍ରମ

**ମୁଖ୍ୟ ସମ୍ପାଦକ**

**ବିଷ୍ଣୁପଦ ସେଠୀ, ଭା.ପ୍ର.ସେ.,**
ଶାସନ ସଚିବ (ବିପର୍ଯ୍ୟୟ ପରିଚାଳନା),
ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ ଓ ପରିଚାଳନା ନିର୍ଦ୍ଦେଶକ,
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ




## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ନୂତନ ୫ ଟି ର ଆଭିମୁଖ୍ୟ ଉପରେ ମାନସମନ୍ଥନ କାର୍ଯ୍ୟକ୍ରମ

ଓ.ଏସ୍.ଡି.ଏମ୍.ଏ. ଏବଂ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀମାନଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କର ନୂତନ ୫ ଟି (ଟେକ୍ନୋଲୋଜି, ଟ୍ରାନ୍ସପରେନ୍ସି, ଟିମ୍ ୱାର୍କ, ଟ୍ରାନ୍ସଫରମେସନ ଓ ଟାଇମ୍ ଅଫ୍ ୱାର୍କ ଟୁୱାର୍ଡସ ଡେଭଲପମେଣ୍ଟ) ର ଆଭିମୁଖ୍ୟ ଓ କାର୍ଯ୍ୟକାରିତା ଉପରେ ଏକ ମାନସମନ୍ଥନ କାର୍ଯ୍ୟକ୍ରମ ତା.୨୭.୦୭.୨୦୧୯ ଦିନ ଓ.ଏସ୍.ଡି.ଏମ୍.ଏ.ର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓ.ଏସ୍.ଡି.ଏମ୍.ଏ.ର ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁପଦ ସେଠୀ ସଭାପତିତ୍ୱ କରିଥିଲେ। ୫ ଟି ସମ୍ପର୍କିତ ବିଭିନ୍ନ କ୍ଷେତ୍ରରେ ହୋଇଥିବା ନୂତନ ଯୋଜନା ଓ କାର୍ଯ୍ୟକାରିତା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନୂତନ ସୃଜନାତ୍ମକ ଚିନ୍ତାଧାରା ଓ ବୈଷୟିକ ତଥ୍ୟ ସଂଗ୍ରହ କରି ବିପର୍ଯ୍ୟୟ ପରିଚାଳନା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ପରିଚାଳନା ନିର୍ଦ୍ଦେଶକ ପରାମର୍ଶ ଦେଇଥିଲେ। ବଜ୍ରପାତ, ବୁଡିମରିବା ଏବଂ ସର୍ପାଘାତ ଇତ୍ୟାଦି ବିପର୍ଯ୍ୟୟରୁ ରକ୍ଷା ପାଇବା ପାଇଁ ତଥା ଭି.ଡି.ଏମ୍.ପି.କାର୍ଯ୍ୟକାରୀ ଯୋଜନା ଉପରେ ମଧ୍ୟ ବିଶଦ ଭାବରେ ଆଲୋଚନା କରାଯାଇଥିଲା।

# ବିପର୍ଯ୍ୟୟଜନିତ କ୍ଷୟକ୍ଷତି ହ୍ରାସକରଣ (ଡି.ଆର୍.ଆର୍.)ର ରୋଡ୍ ମ୍ୟାପ୍ ପ୍ରସ୍ତୁତି ପାଇଁ ବିଭିନ୍ନ ଜିଲ୍ଲାରେ କର୍ମଶାଳା

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ୟୁନିସେଫ୍, ୟୁଏନ୍‌ଡିପି ଏବଂ ଇଣ୍ଟରଏଜେନ୍ସି ଗ୍ରୁପର ମିଳିତ ସହଯୋଗରେ ଓଡ଼ିଶା ରାଜ୍ୟ ପାଇଁ ସେଣ୍ଡାଇ ଫ୍ରେମ ୱାର୍କ ଫର୍ ଡିଜାଷ୍ଟର ରିକ୍ସ ରିଡକସନ୍ (ଏସ୍.ଏଫ୍.ଡି.ଆର୍.ଆର୍.) ରୋଡ୍ ମ୍ୟାପ ପ୍ରସ୍ତୁତ କରୁଅଛି । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର, ସମ୍ବଲପୁର, କୋରାପୁଟ, ଭୁବନେଶ୍ୱର ଏବଂ କଟକରେ ଏହି ସଂପର୍କିତ କର୍ମଶାଳାମାନ ଆୟୋଜନ କରାଯାଇଅଛି । ସଂଗୃହୀତ ନୂତନ ତଥ୍ୟକୁ ଆଧାର କରି ପୂର୍ବରୁ ପ୍ରସ୍ତୁତ ଡ୍ରାଫ୍ଟ ଏସ୍.ଏଫ୍.ଡି.ଆର୍.ଆର୍. ରୋଡ୍ ମ୍ୟାପ୍‌ରେ ଆବଶ୍ୟକୀୟ ପରିବର୍ତ୍ତନ ଆଣିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ।

ଏହି କର୍ମଶାଳାଗୁଡ଼ିକରେ ଜିଲ୍ଲାମାନଙ୍କର ବିଭିନ୍ନ ବିଭାଗର ପ୍ରତିନିଧି, ୟୁନିସେଫ୍, ୟୁଏନ୍‌ଡିପି, ଓକ୍ସଫାମ ତଥା ଇଣ୍ଟରଏଜେନ୍ସି ଗ୍ରୁପର ପ୍ରତିନିଧି ତଥା ଜିଲ୍ଲା ଜରୁରୀକାଳୀନ କକ୍ଷର କର୍ମକର୍ତ୍ତା ଏବଂ ଓଏସ୍‌ଡିଏମର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ ।

ସମସ୍ତ ଅଂଶଗ୍ରହଣକାରୀମାନେ ଗ୍ରୁପ୍ ଆଲୋଚନା ମାଧ୍ୟମରେ ମତାମତ ପ୍ରଦାନ କରିଥିଲେ । ଏହି କର୍ମଶାଳାରେ ସଫଳ ଆଲୋଚନା, ମତାମତ ଓ ସାରାଂଶ ଗ୍ରହଣ କରାଯାଇ ଆଗାମୀ ଦିନରେ ବିପର୍ଯ୍ୟୟ ହ୍ରାସକରଣ ନିମନ୍ତେ ନୂତନ ପଦକ୍ଷେପ ନିଆଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ମତ ପ୍ରକାଶ ପାଇଥିଲା ।



କୋରାପୁଟ, ତା.୧୬.୦୭.୨୦୧୯ ରିଖ



ଭୁବନେଶ୍ୱର, ତା.୧୮.୦୭.୨୦୧୯ ରିଖ



ବାଲେଶ୍ୱର, ତା.୧୦.୦୭.୨୦୧୯ ରିଖ



କଟକ, ତା. ୩୦.୦୭.୨୦୧୯ ରିଖ



ସମ୍ବଲପୁର, ତା.୧୨.୦୭.୨୦୧୯ ରିଖ



ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ରୋଡ୍ ମ୍ୟାପ୍' ପ୍ରସ୍ତୁତି କର୍ମଶାଳା

## 'ହୀରାକୁଦ ନଦୀବନ୍ଧ ପ୍ରାକୃତିକ ବିପର୍ଯ୍ୟୟର ସର୍ବବୃହତ୍ ଆହ୍ୱାନ'

# ଆଶ୍ରୟସ୍ଥଳୀ ସ୍ତରରେ ବହୁମୁଖୀ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ବୈଠକ





ଓଡ଼ିଶା ସରକାର ଓ ଅନ୍ୟାନ୍ୟ ଅନୁଷ୍ଠାନ ସହାୟତାରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ରାଜ୍ୟର ୨୫ ଗୋଟି ଜିଲ୍ଲାରେ ୮୧୪ ଗୋଟି ବହୁମୁଖୀ ବନ୍ୟା /ବାତ୍ୟା ଆଶ୍ରୟସ୍ଥଳୀ ନିର୍ମିତ ହୋଇଅଛି । ଏତଦ୍‌ବ୍ୟତୀତ ଭାରତୀୟ ରେଡକ୍ରସ ସୋସାଇଟି ଦ୍ୱାରା ୬୫ ଗୋଟି ବହୁମୁଖୀ ବନ୍ୟା/ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କରାଯାଇଅଛି । ଉକ୍ତ ଆଶ୍ରୟସ୍ଥଳୀ ବିଭିନ୍ନ ବିପର୍ଯ୍ୟୟ ସମୟରେ ବିପଦସଙ୍କୁଳିତ ଜନସାଧାରଣଙ୍କୁ ସୁରକ୍ଷା ଦେଇ ପାରୁଛି । ନବରଙ୍ଗପୁର ଜିଲ୍ଲାର ବେହେଡ଼ା ଆଶ୍ରୟସ୍ଥଳୀରେ କମ୍ୟୁନିଟି ମୋବିଲାଇଜରଙ୍କ ଦ୍ୱାରା ବହୁମୁଖୀ ବାତ୍ୟା/ବନ୍ୟା ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ବୈଠକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇ ଆଶ୍ରୟସ୍ଥଳୀ ପରିସର ପରିଷ୍କାର ପରିଚ୍ଛନ୍ନ, ଗୃହ, କବାଟ ଝରକା, ପିଇବା ପାଣି ବ୍ୟବସ୍ଥା, ଶୌଚାଳୟ, ଏବଂ ଆଶ୍ରୟସ୍ଥଳୀ ସ୍ତରୀୟ ସରଞ୍ଜାମ ଯଥା- ଟର୍ଚ୍ଚ ଲାଇଟ୍, ଜେନେରେଟର, ଇନଫ୍ଲାଟେବୁଲ ଟାୱାର ଲାଇଟ୍ ଓ ଜରୁରୀକାଳୀନ ବ୍ୟବହାର ଉପଯୋଗୀ ଯନ୍ତ୍ରାଂଶଗୁଡ଼ିକୁ ସଦାସର୍ବଦା କାର୍ଯ୍ୟକ୍ଷମ ରଖିବା ସହ ବୃକ୍ଷ ରୋପଣ, ଆଶ୍ରୟସ୍ଥଳୀ ସ୍ତରୀୟ ସମସ୍ତ ରେଜିଷ୍ଟରକୁ ନିୟମିତ ଭାବେ ଲେଖିବା ଆଦି ବିଷୟରେ ବିଶେଷ ଆଲୋଚନା କରାଯାଇଥିଲା । ଏତଦ୍‌ବ୍ୟତୀତ ବିପର୍ଯ୍ୟୟ ସମୟରେ ଟାସ୍କ ଫୋର୍ସ ସ୍ୱେଚ୍ଛାସେବୀ, ପ୍ରାଥମିକ ଚିକିତ୍ସା ପ୍ରଦାନକାରୀ ଦଳ ଏବଂ ଆଶ୍ରୟସ୍ଥଳୀ ସ୍ତରୀୟ ପ୍ରଶିକ୍ଷକମାନେ ସଜାଗ ରହିବା, ବିଶେଷ କରି ବୃଦ୍ଧ,ବୃଦ୍ଧା, ଛୋଟ ଶିଶୁ, ଗର୍ଭବତୀ ମହିଳା, ଭିନ୍ନକ୍ଷମ, ଅସୁସ୍ଥ ବ୍ୟକ୍ତି ଆଦିଙ୍କ ପ୍ରତି ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ମତ ପ୍ରଦାନ କରିଥିଲେ । ଜନସାଧାରଣଙ୍କ ମଧ୍ୟରେ ଆଶ୍ରୟସ୍ଥଳୀ ସମ୍ବନ୍ଧୀୟ ଉପକାରିତା ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଆଲୋଚନା ହୋଇଥିଲା ।

**ଆମ ଆଶ୍ରୟସ୍ଥଳୀ**

ଗଞ୍ଜାମ ଜିଲ୍ଲା ଅଧୀନସ୍ଥ ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳିପଲ୍ଲୀ ଗ୍ରାମ ପଞ୍ଚାୟତର 'ବନ୍ଦର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ'ରେ ମହିଳାମାନଙ୍କ ପାଇଁ ଏକ ସିଲେଇ ତାଲିମ୍ କେନ୍ଦ୍ର ପରିଚାଳନା କରାଯାଇଛି । ଏହା ମାଧ୍ୟମରେ ମହିଳା ସଶକ୍ତିକରଣ ସହିତ ବିପର୍ଯ୍ୟୟ ନଥିବା ସମୟରେ ଆଶ୍ରୟସ୍ଥଳୀ ବହୁମୁଖୀ ବ୍ୟବହାରରେ ଲାଗୁଅଛି ।



# ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ଏବଂ ନୌକା ବ୍ୟବହାର ସମ୍ବନ୍ଧୀୟ ତାଲିମ୍

ବନ୍ୟା ସମୟରେ ଉଦ୍ଧାର କାର୍ଯ୍ୟ ଏବଂ ନୌକା ବ୍ୟବହାର ସମ୍ବନ୍ଧୀୟ ୨୦୧୯ ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟ ତାଲିମ୍ କାର୍ଯ୍ୟକ୍ରମ ଆଇ.ସି.ଡି.ଆର୍. ତାଲିମ୍ ପ୍ରାପ୍ତ ୩୦ ଜଣ ଓଡ୍ରାଫ୍ କର୍ମୀଙ୍କୁ ନେଇ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ବିପର୍ଯ୍ୟୟ ପରିଚାଳନା ତାଲିମ୍ କେନ୍ଦ୍ର ରାଜସ୍ୱ ଅଧିକାରୀ ତାଲିମ୍ ପ୍ରତିଷ୍ଠାନ (ରୋଟି), ଗୋଠପାଟଣାଠାରେ ଉକ୍ତ ୧୨ ଦିନିଆ ତାଲିମ୍ କାର୍ଯ୍ୟକ୍ରମ ତା.୧୭.୦୭.୨୦୧୯ ରିଖ ଠାରୁ ୨୯.୦୭.୨୦୧୯ ରିଖ ପର୍ଯ୍ୟନ୍ତ ହୋଇଥିଲା।

ଏହି ତାଲିମ୍‌ରେ ବନ୍ୟା ସମୟରେ ଉଦ୍ଧାର କୌଶଳ ଏବଂ ବିଭିନ୍ନ ମୋଟର ଚାଳିତ ନୌକା ଚାଳନ ସମ୍ବନ୍ଧୀୟ ତାଲିମ୍ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଡିଜିଏମ୍(ତାଲିମ୍ ଓ ସଂଯୋଜନା) ଶ୍ରୀ ସୁନୀଲ କୁମାର ସାହୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରଶିକ୍ଷଣ ପାଠ୍ୟଖସଡା ଅନୁଯାୟୀ ମୋଟର ବିହୀନ ନୌକା, ଇନ୍‌ଫ୍ଲାଟାବୁଲ୍ ରବର ଡଙ୍ଗା ଚାଳନ ଓ ଏହାର ରକ୍ଷଣାବେକ୍ଷଣ ତଥା ବିଭିନ୍ନ ପରିସ୍ଥିତି ଯଥା- ସ୍ଥିର ଜଳ, ଚଳନଶୀଳ ଜଳ, ବନ୍ୟାଜଳ ପ୍ରଭୃତିରେ ନୌକା ଚାଳନା କରାଯିବାର ଦକ୍ଷତା ସୃଷ୍ଟି ପାଇଁ ପ୍ରାଧାନ୍ୟ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ତାଲିମ୍ ଦିଆଯିବା ସଂଗେ ସଂଗେ ଅଭ୍ୟାସ ପାଇଁ ସର୍ବାଧିକ ୮ ଦିନ ସମୟ ରଖାଯାଇଥିଲା। ଅଭ୍ୟାସ ତାଲିମ୍ ନିମନ୍ତେ ହ୍ରଦ ଝୁମୁକା ଠାରେ ଏବଂ ଫିଲ୍ଡ ଟ୍ରେନିଂ ଏକ୍ସରସାଇଜ୍ ୫ ଦିନ, ରାମଚଣ୍ଡୀ, ପୁରୀ ଠାରେ ଅନୁଷ୍ଠିତ ହେବା ପାଇଁ ବ୍ୟବସ୍ଥା କରାଯାଇଥିଲା। ତାଲିମ୍‌ର ପାଠ୍ୟ ଖସଡା ସମସ୍ତ ଅଂଶଗ୍ରହଣକାରୀ ସଦସ୍ୟମାନଙ୍କ ଦ୍ୱାରା ଆଦୃତ ହୋଇଥିଲା। ଏହି ତାଲିମ୍ ଦ୍ୱାରା ବନ୍ୟା ସମୟରେ ଉଦ୍ଧାର ଏବଂ ନୌକା ଚାଳନା ପାଇଁ ନୂତନ ନିଯୁକ୍ତି ପ୍ରାପ୍ତ ସଦସ୍ୟମାନେ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ପାରିଛନ୍ତି।।















# ରାଇମ୍ସ ଦ୍ୱାରା ପରିଚାଳିତ ପ୍ରକଳ୍ପର ବାର୍ଷିକ ଅଗ୍ରଗତି ସମ୍ବନ୍ଧୀୟ ବୈଠକ



ଶାସନ ସଚିବ (ବିପର୍ଯ୍ୟୟ ପରିଚାଳନା),ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ ଓ ପରିଚାଳନା ନିର୍ଦ୍ଦେଶକ, ଓଏସ୍‌ଡିଏମ୍‌ଏ ବିଷ୍ଣୁପଦ ସେଠୀଙ୍କ ଅଧକ୍ଷତାରେ ତା.୨୬.୦୭.୨୦୧୯ରିଖ ଦିନ ସଭାଗୃହରେ ରାଇମ୍ସ ଆନୁକୂଲ୍ୟରେ 'ଅପରେସନାଲ୍ ସିଷ୍ଟମ ଫର୍ ଇଣ୍ଟିଗ୍ରେଟେଡ୍ ଡିଜାଷ୍ଟର ରିସ୍କ ମ୍ୟାନେଜମେଣ୍ଟ' ପ୍ରକଳ୍ପର ବାର୍ଷିକ ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ଏହି ସଭାରେ ଏସ୍‌ଆରସି, ଓଏସ୍‌ଡିଏମ୍‌ଏ ଓ ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ରାଇମ୍ସ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସତର୍କ 'ଆପ୍' ନାମକ ଡିଏସ୍‌ଏସ୍‌ର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ସତର୍କ ଆପ୍ ଦ୍ୱାରା ବଜ୍ରପାତ, ଗ୍ରୀଷ୍ମପ୍ରବାହ, ସଡ଼କ ଦୁର୍ଘଟଣା, ବନ୍ୟା, ମରୁଡି, ବାତ୍ୟା, ସର୍ପାଘାତ ଓ ଭୂମିକମ୍ପ ଇତ୍ୟାଦି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦିଆଯାଉଥିବା ସତର୍କତା ଓ ଚେତାବନୀ ସଂପର୍କରେ ଆଲୋଚନା ହୋଇଥିଲା। ଏହି ଆପ୍‌ଟି ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ବ୍ୟବହାର କରିହେବ ଏବଂ ଏହା ବିନା ମୂଲ୍ୟରେ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ପ୍ଲେ ଷ୍ଟୋରରୁ ଡାଉନଲୋଡ କରାଯାଇ ପାରିବ। ଏହି ଯୋଜନାର ଏକ ବର୍ଷ ପୂର୍ତ୍ତି ହୋଇ ସାରିଥିବାରୁ ଏହାର ଅଗ୍ରଗତି ଓ କାର୍ଯ୍ୟକାରୀତା ସଂପର୍କରେ ରାଇମ୍ସର ପ୍ରତିନିଧି ଅବଗତ କରାଇଥିଲେ ଏବଂ ଏହା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା।

## ଆପଦମିତ୍ର ମାନଙ୍କର ପ୍ରଶଂସନୀୟ କାର୍ଯ୍ୟ







ପବିତ୍ର ରଥଯାତ୍ରା ଏବଂ ବାହୁଡା ଯାତ୍ରା ଅବସରରେ ପୁରୀ ଏବଂ ଜଗତସିଂହପୁର ଜିଲ୍ଲାର ଆପଦ ମିତ୍ରମାନେ ପ୍ରଶଂସନୀୟ କାର୍ଯ୍ୟ କରିଥିଲେ। ଆପଦ ମିତ୍ର ମାନେ ପୋଲିସ ବିଭାଗ ଏବଂ ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରିଥିଲେ। ପୁରୀ ଜିଲ୍ଲାର ଆପଦମିତ୍ରମାନେ ପୁରୀ ସଦର ଡାକ୍ତରଖାନାରେ ରହି ଆହତ ଭକ୍ତମାନଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ କରିବାରେ ସାହାଯ୍ୟ କରିଥିଲେ। ତତ୍‌ସହିତ ଆହତ ଭକ୍ତମାନଙ୍କୁ ଚିକିତ୍ସାଳୟରେ ପହଞ୍ଚାଇବାରେ ମଧ୍ୟ ସାହାଯ୍ୟ କରିଥିଲେ। ମହିଳା ଆପଦ ମିତ୍ରମାନେ ମଧ୍ୟ ବିଭିନ୍ନ କାର୍ଯ୍ୟରେ ସାମିଲ ହୋଇ ଭକ୍ତମାନଙ୍କୁ ମାନଙ୍କୁ ସାହାଯ୍ୟ କରିଥିଲେ। ରଥଯାତ୍ରା ସମୟରେ ଆପଦ ମିତ୍ରମାନଙ୍କର ଏତାଦୃଶ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା।

# ରାସାୟନିକ ବିପର୍ଯ୍ୟୟ ପରିଚାଳନା ପାଇଁ ଯୋଜନା

ରାସାୟନିକ ବିପର୍ଯ୍ୟୟ ପରିଚାଳନା ପାଇଁ ଏକ ସଭା ତା.୨୫.୦୭.୨୦୧୯ରିଖ ଦିନ ଓ.ଏସ୍.ଡି.ଏମ୍.ଏ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଓଡ଼ିଶା ରାଜ୍ୟରେ ବିଭିନ୍ନ କଳକାରଖାନା ଇତ୍ୟାଦିରେ ରାସାୟନିକ ବିପର୍ଯ୍ୟୟ ସମ୍ବନ୍ଧରେ ଆଲୋଚନା କରାଯାଇ ଏହାର ପ୍ରସ୍ତୁତି ଓ ଯୋଜନା ଆଦି ବିଷୟରେ ସୁଚିନ୍ତିତ ମତାମତ ଦିଆଯାଇଥିଲା।ଏହି ସଭାରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇ ସେମାନଙ୍କର ମତାମତ ରଖିଥିଲେ। ବିଭିନ୍ନ ବିଭାଗ ମଧ୍ୟରେ ବାଣିଜ୍ୟ ଏବଂ ପରିବହନ ବିଭାଗ, ଇସ୍ପାତ ଓ ଖଣି ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କାରଖାନା ଓ ବାଷ୍ପିତ ନିର୍ଦ୍ଦେଶକ, ରାଜ୍ୟ ଅଗ୍ନିସେବା, ଜାତୀୟ ବିପର୍ଯ୍ୟୟ ପ୍ରତିକ୍ରିୟା ବଳ, ଭୁବନେଶ୍ୱର ମ୍ୟୁନିସପାଲଟି, ସେଲ୍ ରାଉରକେଲା, ନାଲକୋ, ଆଇଓସିଏଲ୍., ୟୁଏନଡିପି ଏବଂ ଓଏସ୍ଡିଏମ୍ଏ ପ୍ରତିନିଧିମାନେ ଯୋଗ ଦେଇଥିଲେ।ଏହି ସଭାରେ ଏନ୍.ଡି.ଏମ୍.ଏ. ମାର୍ଗଦର୍ଶିକା ଅନୁସାରେ ଓ.ଏସ୍.ଡି.ଏମ୍.ଏ ଦ୍ୱାରା ପ୍ରସ୍ତୁତ ହୋଇଥିବା କାର୍ଯ୍ୟକାରୀ ଯୋଜନା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ଅନ୍ୟ ରାଜ୍ୟମାନଙ୍କରେ ଏ ବାବାଦରେ କାର୍ଯ୍ୟକାରୀ ହେଉଥିବା ପ୍ରଣାଳୀ ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା।





# ଜାପାନର କେ.ଇ.ଆଇ.ଓ. ବିଶ୍ୱବିଦ୍ୟାଳୟ ପ୍ରତିନିଧିଙ୍କର ଓ.ଏସ୍.ଡି.ଏମ୍.ଏ. ସହଯୋଗିତା ପାଇଁ ପ୍ରୟାସ





ଟୋକିଓ, ଜାପାନର କେ.ଇ.ଆଇ.ଓ. ବିଶ୍ୱବିଦ୍ୟାଳୟ ପ୍ରଫେସର ଡ଼. ରାଜୀବ ସ ଏବଂ ୟୁଏନ୍ଡି ଆରଆର୍, ଆରବ ରାଜ୍ୟର ଆଞ୍ଚଳିକ କାର୍ଯ୍ୟାଳୟର ମୁଖ୍ୟ ଶ୍ରୀଯୁକ୍ତ ସୁଜିତ ମହାନ୍ତି, ତା.୨୩.୦୭.୨୦୧୯ରିଖ ଦିନ ଓ.ଏସ୍.ଡି.ଏମ୍.ଏ. କାର୍ଯ୍ୟାଳୟକୁ ପରିଭ୍ରମଣରେ ଆସିଥିଲେ। ଏସ୍.ଆର.ସି. ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଧିକାରୀମାନଙ୍କ ସହ ସେମାନେ ଆଲୋଚନା କରିଥିଲେ। ବାତ୍ୟା 'ଫନି' ସମୟରେ ଓଡ଼ିଶା ସରକାର ସ୍ୱଳ୍ପ ସମୟ ମଧ୍ୟରେ ଯେଉଁ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଥିଲେ, ଯାହା ଫଳରେ ବହୁ ଧନଜୀବନ ରକ୍ଷା କରାଯାଇ ପାରିଥିଲା ସେ ସମ୍ବନ୍ଧରେ ଅବଗତ ହୋଇଥିଲେ। ଫନି ପରର ସ୍ଥିତିକୁ ଅନୁଧ୍ୟାନ କରିବା ସହ ବିଭିନ୍ନ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ଦ୍ରୁତ ପୁନଃରୁଦ୍ଧାର କାର୍ଯ୍ୟଗୁଡିକୁ ମଧ୍ୟ ଉଚ୍ଚ ପ୍ରଶଂସା କରିଥିଲେ। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ସଭାଗୃହରେ 'ଫନି' ଦ୍ୱାରା କ୍ଷୟକ୍ଷତି, ପୁନଃରୁଦ୍ଧାର, ରିଲିଫ୍, ସ୍ଥାନାନ୍ତରଣ, ବିଭିନ୍ନ ବିଭାଗର ଦ୍ରୁତ କାର୍ଯ୍ୟାନୁଷ୍ଠାନ ସଂପର୍କିତ ଏକ ପାୱାର ପଏଣ୍ଟ ଓ ତଥ୍ୟଭିତ୍ତିକ ଚଳଚିତ୍ର ଉପସ୍ଥାପନ କରାଯାଇଥିଲା। ବାତ୍ୟା ଫନି ଦ୍ୱାରା ବିଦ୍ୟୁତ ବିଭାଗ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଲୋକମାନଙ୍କର ଜୀବନଜୀବିକା ମଧ୍ୟ ପ୍ରଭାବିତ ହୋଇଥିବାର ଦର୍ଶାଯାଇଥିଲା। ଗମନାଗମନ, ଯୋଗାଯୋଗ, ଜଳଯୋଗାଣ ଓ ରିଲିଫ ଆଦି ଅତ୍ୟାବଶ୍ୟକୀୟ କାର୍ଯ୍ୟର ଦ୍ରୁତ ପୁନଃରୁଦ୍ଧାର କରିବା ସରକାରଙ୍କ ପାଇଁ ଏକ ଆହ୍ୱାନ ହୋଇଥିଲା। ବିପର୍ଯ୍ୟୟ ପୂର୍ବରୁ ସଠିକ୍ ସତର୍କ ସୂଚନା ପାଇଥିବାରୁ ଜନସାଧାରଣଙ୍କ ଜୀବନ ରକ୍ଷା ହୋଇପାରିଥିଲା। ଶିକ୍ଷାର ଆଦାନ ପ୍ରଦାନ ମାଧ୍ୟମରେ ଓଡ଼ିଶାର ବୈଜ୍ଞାନିକ ଗବେଷଣାଗାର ଅଭିବୃଦ୍ଧି କରିବା ସଂପର୍କରେ ମଧ୍ୟ ସେମାନେ ଆଲୋଚନା କରିଥିଲେ।

# ମରୁଡି ସମ୍ବନ୍ଧୀୟ ତଦାରଖ ବୈଠକ 'ଖରିଫ ୨୦୧୯'





'ଖରିଫ ୨୦୧୯' ପାଇଁ ରାଜ୍ୟ ସ୍ତରୀୟ ସମସ୍ତ ଅଂଶୀଦାରମାନଙ୍କୁ ନେଇ ମରୁଡି ସମ୍ବନ୍ଧୀୟ ତଦାରଖ ବୈଠକ ଓଏସ୍‌ଡିଏମ୍ ସଭା ଗୃହରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ରାଜ୍ୟରେ ମରୁଡି ସମ୍ବନ୍ଧୀୟ ତଥ୍ୟକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହିତ ମରୁଡି ମୁକାବିଲା ନିମନ୍ତେ ବିହିତ କାର୍ଯ୍ୟାନୁଷ୍ଠାନ ସଂପର୍କରେ ଆଲୋକପାତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ରାଇମ୍ସ ତରଫରୁ ସତର୍କ ଆପ୍‌ରେ ମରୁଡି ତଥ୍ୟ ଉପଲବ୍ଧ ଓ ତଦାରଖ ଆଦିକୁ ପାୱାରପଏଣ୍ଟ ମାଧ୍ୟମରେ ଉପସ୍ଥାପନ କରାଯାଇଥିଲା । ଏହି ବୈଠକ ପ୍ରତ୍ୟେକ ସପ୍ତାହରେ ବସିବା ସହ ଏଥିରେ ମରୁଡି ସମ୍ବନ୍ଧୀୟ ଆଲୋଚନା କରାଯିବାର ନିଷ୍ପତ୍ତି ହୋଇଥିଲା ।




ଶାସନ ସଚିବ (ବିପର୍ଯ୍ୟୟ ପରିଚାଳନା),ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ ଓ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ବିଷ୍ଣୁପଦ ସେଠୀଙ୍କୁ ବାତ୍ୟା 'ଫନି'ର ସଫଳ ସୁପରିଚାଳନା ଓ ମୁକାବିଲା ତଥା ପୁନଃରୁଦ୍ଧାର ପାଇଁ ପରିଚୟ ଫାଉଣ୍ଡେସନ ତରଫରୁ 'ଶ୍ରୀ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଉଅଛି ।

## ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ରିଲିଫ ସହାୟତା ସମ୍ବନ୍ଧୀୟ ତାଲିମ୍ କାର୍ଯ୍ୟକ୍ରମ



ଗତ ତା ୨୪-୨୫.୦୭.୨୦୧୯ରିଖରେ ଅନୁଗୁଳ ସ୍ଥିତ ପୋଲିସ୍ ଟ୍ରେନିଂ କଲେଜଠାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ରିଲିଫ ସହାୟତା ସମ୍ବନ୍ଧୀୟ ଦୁଇ ଦିନିଆ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ନୂତନ ଭାବେ ନିଯୁକ୍ତ ହୋଇଥିବା କନେଷ୍ଟବଳ, ପୋଲିସ ଟ୍ରେନିଂ କଲେଜର ଅଧିକାରୀ ଆଦି ଯୋଗ ଦେଇ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପାୱାର ପଏଣ୍ଟ ଓ ଚଳଚ୍ଛିତ ମାଧ୍ୟମରେ ସନ୍ଧାନ ଉଦ୍ଧାର, ରିଲିଫ୍ ଏବଂ ବିପର୍ଯ୍ୟୟ ପୂର୍ବ, ପର ତଥା ବିପର୍ଯ୍ୟୟ ସମୟରେ ପୋଲିସର ଭୂମିକା ଓ ଦାୟିତ୍ୱବୋଧକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ତାଲିମ୍ କାର୍ଯ୍ୟକ୍ରମକୁ ପ୍ରକଳ୍ପ ଅଧିକାରୀ, ଓଏସଡିଏମ୍ଏଙ୍କ ସହଯୋଗ ଓ ସଂଯୋଜନାରେ କରାଯାଇଥିଲା।





## ସାପ କାମୁଡା ପ୍ରତି

### ସଚେତନ ହୁଅନ୍ତୁ ଓ ସତର୍କ ରୁହନ୍ତୁ





- ଗୁଣିଗାରେଡି ବା ଝଡ଼ାଫୁଙ୍କା ପରି ଅନ୍ଧବିଶ୍ୱାସରେ ସମୟ ନଷ୍ଟ ନକରି ସାପ କାମୁଡିଥିବା ବ୍ୟକ୍ତିଙ୍କୁ ଯଥାଶୀଘ୍ର ନିକଟସ୍ଥ ଡାକ୍ତରଖାନାକୁ ନେଇ ଯାଆନ୍ତୁ ।
- ସାପ କାମୁଡିଥିବା ବ୍ୟକ୍ତିଙ୍କୁ ସ୍ଥିର ଓ ଶାନ୍ତ ରଖନ୍ତୁ । ସାହସ ଓ ସାନ୍ତ୍ୱନା ଦେବାକୁ ଚେଷ୍ଟା କରନ୍ତୁ ।
- ଆହତ ବ୍ୟକ୍ତିଙ୍କୁ ଏକୁଟିଆ ଛାଡ଼ନ୍ତୁ ନାହିଁ ବା ଶୋଇବାକୁ ଦିଅନ୍ତୁ ନାହିଁ ।
- ଆହତ ଅଙ୍ଗକୁ ହଲଚଲ କରନ୍ତୁ ନାହିଁ ବା ବ୍ୟକ୍ତିଙ୍କୁ ଚାଲିବାକୁ ଦିଅନ୍ତୁ ନାହିଁ ।
- କ୍ଷତ ଅଙ୍ଗରୁ ମୁଦି, ବ୍ରେସଲେଟ, ଅନ୍ୟାନ୍ୟ ଅଳଙ୍କାର, ଘଣ୍ଟା ଇତ୍ୟାଦି ଓ ଜୋତା ଯଥାଶୀଘ୍ର ବାହାର କରି ଦିଅନ୍ତୁ ।
- କ୍ଷତ ଅଙ୍ଗରେ ବିଷ ସଂଚରଣ ରୋକିବା ପାଇଁ ରଶି କିମ୍ବା ତାର ବାନ୍ଧନ୍ତୁ ନାହିଁ । ଏହାଦ୍ୱାରା ଅଙ୍ଗ ନଷ୍ଟ ହେବାର ଅଧିକ ସମ୍ଭାବନା ଥାଏ ।
- କ୍ଷତ ସ୍ଥାନକୁ ଛୁରୀ କିମ୍ବା କୌଣସି ଧାରୁଆ ଅସ୍ତ୍ରରେ ଖଣ୍ଡିଆ କରି ରକ୍ତ ବାହାର କରିବାକୁ ଚେଷ୍ଟା କରନ୍ତୁ ନାହିଁ ।
- କ୍ଷତ ସ୍ଥାନରୁ ପାଟିରେ ଚୋଷି ବିଷ ବାହାର କରିବାକୁ ଚେଷ୍ଟା କରନ୍ତୁ ନାହିଁ ।
- କ୍ଷତ ଉପରେ ବରଫ ମାଲିସ କରନ୍ତୁ ନାହିଁ ।
- ଆହତ ବ୍ୟକ୍ତିଙ୍କୁ ନିଶାଦ୍ରବ୍ୟ, ଚେରମୂଳି ଇତ୍ୟାଦି ଦିଅନ୍ତୁ ନାହିଁ ବା କ୍ଷତ ସ୍ଥାନରେ ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ ଲଗାନ୍ତୁ ନାହିଁ ।

**ସାବଧାନତା ହିଁ ସୁରକ୍ଷା !**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର, ଫୋନ-୦୬୭୪-୨୩୯୫୩୯୮, ୨୩୯୫୫୩୧

OSDMA

**Book Post**

Stamp

**Odisha State Disaster Management Authority, Govt.of Odisha**
Rajiv Bhawan, Unit-5, Bhubaneswar-751001, Phone: 0674-2395398, 2395531,
Fax: 0674-2391871, Email: osdma@osdma.org, Website: www.osdma.org

**Email : newsletter@osdma.org**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଓଡ଼ିଶା ସରକାର
ରାଜୀବ ଭବନ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧
ଫୋନ୍: ୦୬୭୪-୨୩୯୫୩୯୮, ୨୩୯୫୫୩୧, ଫ୍ୟାକ୍ସ: ୦୬୭୪-୨୩୯୧୮୭୧
ଇମେଲ୍ : osdma@osdma.org, ୱେବସାଇଟ୍ : www.osdma.org

Govt.of Odisha